# ୧୯୬ଟି ଘଟଣାରେ ଜବତ ହୋଇଛି ୫୦ କୋଟିର ଚୋରା ସୁନା

**ନୂଆଦିଲ୍ଲୀ, ୧୫।୯/ଏଜେନ୍ସି:** ଚଳିତବର୍ଷ ଏପ୍ରିଲ ରୁ ଅଗଷ୍ଟ ମାସ ମଧ୍ୟରେ ଦେଶର ବିଭିନ୍ନ ବିମାନବନ୍ଦରରେ ୧୦୩ କିଗ୍ରାର ଚୋରା ସୁନା ଜବତ ହୋଇଛି। ବିଭିନ୍ନ ବିଦେଶୀ ରାଷ୍ଟ୍ରରୁ ଅଣାଯାଇଥିବା ଚୋରା ସୁନାକୁ ନେଇ ୧୯୬ଟି ଘଟଣାରେ ଏହି ପରିମାଣର ସୁନା ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୫୦ କୋଟି ଟଙ୍କା ହେବ ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। କରୋନାକୁ ନେଇ ଏବେ ସାରା ଦେଶ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହିତ ସାଧାରଣ ଲୋକ ନିଜର ଅତ୍ୟାବଶ୍ୟକ ଚାହିଦା ପୂରଣ କରିବାକୁ ନାହିଁ ନଥିବା ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଏଭଳି ସମୟରେ ମଧ୍ୟ କିଛି ଲୋକ ସୁନା ଠାରୁ ଆରମ୍ଭ କରି ଆଉ କିଛି ମୂଲ୍ୟବାନ ସାମଗ୍ରୀ ଚୋରାରେ ଆଣିବାକୁ ପଛାଉନାହାନ୍ତି ବୋଲି ସେ କହିଛନ୍ତି। ବିଶେଷକରି କେରଳର ବିଭିନ୍ନ ବିମାନବନ୍ଦରରେ ସର୍ବାଧିକ ସୁନା ଜବତ କରାଯାଇଛି। ଥିରୁଅନନ୍ତପୁରମ୍ ବିମାନବନ୍ଦରରୁ ଗୋଟିଏ ଘଟଣାରେ ୩୦.୨ କିଲୋ ସୁନା ଜବତ କରାଯାଇଥିଲା ବେଳେ ଏହି ଘଟଣାରେ ୧୬ ଜଣଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି। ଭାରତକୁ ବିଭିନ୍ନ ରାଷ୍ଟ୍ରରୁ ଚୋରା ସୁନା ଆଣିବା ଏକ ନିୟମିତ ଧାରାରେ ପରିଣତ ହୋଇଥିବା ବେଳେ ଦିନକୁ ଦିନ ଏହା ବଢୁଥିବା ଦେଖାଯାଉଛି। ୨୦୧୫-୧୬ ଆର୍ଥିକ ବର୍ଷରେ ୨୬୯୬ଟି ଘଟଣାରେ ୬୦୬ କୋଟି ଟଙ୍କାର ସୁନା ଜବତ କରାଯାଇଥିଲା ବେଳେ ୨୦୯-୨୦ ଆର୍ଥିକ ବର୍ଷ ସୁଦ୍ଧା ଏହି ସଂଖ୍ୟା ୪୪୪୪ରେ ପହଞ୍ଚିବା ସହିତ ମୋଟ ପରିମାଣ ୮୫୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଅନୁରାଗ କହିଛନ୍ତି।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com